Chapter- 2

# ପ୍ରଭାତ ଅବକାଶ

**STUDY NOTES**

## MIND MAP



ପ୍ରଭାତ ଅବକାଶ କବିତାଟି ବନମାଳୀ ପଦ୍ୟାବଳୀରୁ ସଂଗୃହୀତ, ଏଥିରେ ନିଦ୍ରାରତ ଶ୍ରୀକୃଷ୍ଣଙ୍କର ନିଦ୍ରାଭଙ୍ଗ ନିମିତ୍ତ ଯଶୋଦାଙ୍କର ସ୍ନେହଶ୍ରଦ୍ଧାପୂର୍ଣ୍ଣ ବାଣୀର ସମାହାର ଦେଖିବାକୁ ମିଳେ । ଶ୍ରୀକୃଷ୍ଣଙ୍କର ନିଦ୍ରାଭଙ୍ଗ ହେବାରେ ବିଳମ୍ବ ହେବାର କାରଣ ମଧ୍ୟ ଏଥିରେ ବର୍ଣ୍ଣିତ ହୋଇଛି । ମାତା ଶ୍ରୀକୃଷ୍ଣଙ୍କୁ ରାତି ପାହିବାର ସୂଚନା ଦେଇଛନ୍ତି । ମନ୍ଦିରରେ ଶୁଆ, ବୃକ୍ଷରେ କାଉ, କୋଇଲି ତଥା କୁକୁଡାର ଡାକ ଶୁଭିଲାଣି ବୋଲି ମାତା କହିଛନ୍ତି । ସୁଗନ୍ଧଯୁକ୍ତ ପାଣିରେ ମୁହଁ ଧୋଇ ଦେଇ କିପରି ସୁସ୍ୱାଦୁ ଖାଦ୍ୟ ଯଥା - ଅମୃତ ପାଣି କଦଳୀ, ଲହୁଣୀ ସହିତ ମିଶ୍ରିତ ପେଡା, ସରପୁଳି, ଖଣ୍ଡ (କନ୍ଦ) ସହିତ ଅନ୍ୟାନ୍ୟ ଖାଦ୍ୟ ଖୁଆଇବେ ବୋଲି କହିଛନ୍ତି । ଏଠାରେ ପୁତ୍ର ପ୍ରତି ଥିବା ଅନାବିଳ ବାତ୍ସଲ୍ୟ ମମତାର କଥା ବର୍ଣ୍ଣନା କରାଯାଇଛି । ମାତା ଯଶୋଦାଙ୍କର ସଂସାରରେ ପ୍ରତ୍ୟେକଟି ମାଆଙ୍କର ପ୍ରତୀକ । ମାଆଟିଏ ଯୁଗେ ଯୁଗେ ଶ୍ରଦ୍ଧା ଓ ସମ୍ମାନର ଅଧିକାରିଣୀ । ପୁତ୍ରକୁ କେବଳ ଜନ୍ମ କରି ତା'ର କର୍ତ୍ତବ୍ୟ ସଂପାଦିତ କରେ ନାହିଁ ବରଂ ପୁତ୍ରରେ ଅଳି ଅଝଟ ସହି ପାଳି ପୋଷି ମଣିଷ କରି ଚିରକାଳକୁ ଅମର ହୋଇଯାଇଥାଏ । ଯାହାକି ବାଳକ ଶ୍ରୀକୃଷ୍ଣଙ୍କ ପ୍ରତି ଥିବା ମାତାଙ୍କର ଭଲ ପାଇବା ଉକ୍ତ କବିତାରେ ପ୍ରତିଫଳିତ ହୋଇଛି । ମାଆଙ୍କର ଆକଟ ଭିତରେ ଯେଉଁ ଅନନ୍ୟ ଆକର୍ଷଣ ରହିଛି ତାହା କବିତାକୁ କରିଛି ବେଶ୍ ଶିକ୍ଷଣୀୟ ଓ ହୃଦୟସ୍ପର୍ଶୀ ।

ODM EDUCATIONAL GROUP Changing your Tomorrow